# Akashvani, Sambalpur

## SAMBALPURI NEWS MORNING BULLETIN

## 7 April 2026 - 6.47- 6.52 am.

---

କୁଳପତି ନିଯୁକ୍ତି		ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ୧୪ ଟା ବିଶ୍ୱବିଦ୍ୟାଳୟର୍ କୁଳପତି ନିଯୁକ୍ତି ବାବ୍‌ଦେ ଲୋକଭବନ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ପ୍ରଫେସର୍ ବ୍ୟୋମ୍‌କେଶ୍ ତ୍ରିପାଠୀ, କଳାହାଣ୍ଡି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ପ୍ରଫେସର୍ ପୱନ୍ କୁମାର୍ ଅଗ୍ରୱାଲ୍, ବଲାଙ୍ଗିର୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ପ୍ରଫେସର୍ ବିଭୂତି ଭୂଷଣ୍ ମଲ୍ଲିକ୍‌ଙ୍କୁ ନିଯୁକ୍ତ କରାଯାଇଛେ । ଇତାର୍ ସହେତେ ରାଜ୍ୟର୍ ଅଲ୍‌ଗା ୧୧ ଟା ବିଶ୍ୱବିଦ୍ୟାଳୟର୍ କୁଳପତିଙ୍କୁ ନିଯୁକ୍ତ କରାଯାଇଛେ ବଲି ବିଜ୍ଞପ୍ତିନୁ ସୂଚ୍‌ନା ମିଳିଛେ ।

ପେଟ୍ରୋଲ୍, ଡିଜେଲ୍		ଆଇ ଆଣ୍ଡ୍ ପି.ଆର୍

ରାଏଜେ ଭର୍‌ପୁର୍ ମାତ୍ରାଥି ପେଟ୍ରୋଲ୍ ଡିଜେଲ୍ ଆଉ ଏଲ୍‌ପିଜି ମହଜୁଦ୍ ଅଛେ । ହେଥିର୍‌ଲାଗି ଡରିକରି ଆଗ୍‌ତୁରା ଘିନାବିକା ନାଇଁ କର୍‌ବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଇଣ୍ଡିଆନ୍ ଅଏଲ୍ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରସାରଣ୍ ମନ୍ତ୍ରଣାଲୟ ଅଧୀନ୍‌ଥି ଥିବା ପତ୍ର ସୂଚନା କାର୍ଯ୍ୟାଲୟ ଭୁବ୍‌ନେଶ୍ୱର୍ ତର୍‌ଫୁ ଆୟୋଜିତ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଇଟା କୁହାଯାଇଛେ । ରାଏଜେ ପେଟ୍ରୋଲ୍ ଡିଜେଲ୍ ଆଉ ଗେସ୍ ଯୋଗାଣ ସ୍ଥିର ଆଉ ସ୍ୱାଭାବକ୍ ରହିଛେ ବଲି ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍- ଆଇଓସିଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ସୂଚନା ଦେଇଛନ୍ । ରାଜ୍ୟ ସର୍‌କାର୍ ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଲୟ ଆଉ ତେଲ ବିପଣନ କମ୍ପାନୀ ମାନ୍‌କର୍ ସହେତେ ତାଲ୍‌ମେଲ୍ ଜରିଏ ପେଟ୍ରୋଲ୍ ଡିଜେଲ୍ ଆଉ ଏଲ୍‌ପିଜି ଯୋଗାଣ୍‌କେ ସୁବ୍ୟସ୍ଥିତ୍ କର୍‌ବାର୍‌କେ ପଦକ୍ଷେପ୍ ନଉଛନ୍ । ମିଛ୍ ଖବର୍ ପ୍ରସାର୍‌କେ ପ୍ରତିହତ୍ କର୍‌ବାର୍ ସହେତେ ଜନସଚେତନତା ବଢ଼ାବାର୍ ଲାଗି ଇ ଅବ୍‌ସରେ କୁହାଯାଇଛେ ।

ଓଡ଼ିଆ ପକ୍ଷ -ଶିଶୁକଥା ଦିବସ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଗଲା ୧ ନୁ ୧୪ ତାରିଖ୍‌ତକ୍ ସାରା ରାଏଜେ ଓଡ଼ିଆ ପକ୍ଷ -୨୦୨୬ ପାଲନ୍ କରାଯାଉଛେ । ଇତାର୍ ୭ ନମ୍ବର୍ ଦିନେ ଆଏଜ୍ ସାରାରାଏଜେ ଶିଶୁକଥା ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ରହିଥିବା ବିଦ୍ୟାଳୟମାନ୍‌କେ ବର୍ଣ୍ଣବୋଧ ଆଉ ଶିଶୁଲେଖା ବହି ବଂଟାଯିବା । ଇତାର୍‌ସହେତେ ବରିଷ୍ଠ ନାଗରିକ୍‌ମାନ୍‌କୁ ଭାଗ୍‌ବତ୍ ବହି ଭିଲ୍ ଦିଆଯିବା ।

ପ୍ରେସିଡେଂଟ୍ କଲର୍ସ ଆୱାର୍ଡ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ପୁଲିସ୍‌କେ ସମ୍ମାନ୍ ଜନକ୍ ପ୍ରେସିଡେଂଟ୍ କଲର୍ସ ଆୱାର୍ଡ ପ୍ରଦାନ୍ କର୍‌ବେ । ଇଥିର୍‌ଲାଗି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓଡ଼ିଶା ଗସ୍ତଥି ଆସ୍‌ବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍ ବାବ୍‌ଦେ ଭୁବ୍‌ନେଶ୍ୱର୍ ପୁଲିସ୍ ସେବା ଭବନ୍‌ର ଡି.ଜି.ପି. କେମ୍ପ୍ ଅପିସ୍ ନ ପୁଲିସ୍ ମହାନିର୍ଦ୍ଦେଶକ

ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କ ଅଧକ୍ଷତାଥି ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ ।

ବିଶ୍ୱସ୍ୱାସ୍ଥ୍ୟ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଜନସ୍ୱାସ୍ଥ୍ୟ ଲାଗି ସଭେ ମିଶିକରି ଚେରେଷ୍ଟା କର୍‌ବାର୍ ସହେତେ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଆଉ ସ୍ୱାସ୍ଥ୍ୟ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ଭାବେ ପାଲନ୍ କରାଯାଉଛେ । 'ସ୍ୱାସ୍ଥ୍ୟ ଲାଗି ଏକ୍ ହେମା, ବିଜ୍ଞାନ୍ ସାଙ୍ଗେ ଠିଆ ହେମା' ବଲି ଆଝିର୍ ଦିବସ୍‌ର ବାର୍ତାଥି ଆହ୍ୱାନ୍ ଦିଆଯାଇଛେ । ନବଜାତ ଶିଶୁ ଆଉ ପ୍ରସୂତି ମହିଲାମାନ୍‌କର୍ ମୃତ୍ୟୁ ରୁକ୍‌ବାର୍ ସହେତେ ସେମାନ୍‌କର୍ ସ୍ୱାସ୍ଥ୍ୟ ସୁରକ୍ଷା ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୯୫୦ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଫି ବଛ୍‌ରେ ଗୁଟେ ଖାସ୍ ବାର୍ତା ଉପ୍‌ରେ ଜୋର୍ ଦିଆଯାଇକରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ସର୍‌କାରୀ, ବେସର୍‌କାରୀ ଆର୍

ସ୍ୱେଚ୍ଛାସେବୀ ସଂଗଠନ୍ ମାନ୍କର୍ ତର୍ଫୁ ଭିନ୍ ଭିନ୍ ସ୍ୱାସ୍ଥ୍ୟ ସଚେତନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ଶ୍ରୀମନ୍ଦିର୍ ଆଲୋକିକରଣ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଭିତରବେଢ଼ା ନ ଥିବା ପାର୍ଶ୍ୱଦେବାଦେବୀ ମନ୍ଦିର୍ ମାନ୍କେ ଆଲୋକିକରଣ୍ର ବ୍ୟବସ୍ଥା କରାଯିବା । ଇଥିର୍ଲାଗି ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ପୁରୀ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ଆଭାସୀ ଜରିଏ ବୈଠକ୍ଥି ଅଧ୍ୟକ୍ଷତା କରିଥିଲେ । ଏଏସ୍ଆଇର ବୈଷୟିକ ପରାମର୍ଶ ଆଉ ମାର୍ଗଦର୍ଶନ୍ଥି ବିସ୍ତୃତ୍ ରୂପରେଖ ତିଆର୍ କରାଯାଇଥିବାର୍ ବେଲେ ଇ କାମ୍ ଖୋବ୍ ଜଲ୍ଦି ମୁଲ୍ କରାଯିବା । ଇଥିର୍ଲାଗି ୧୭ ନୁ ୧୮ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ବୈଠକ୍ନୁ ଜନାପଡ଼ିଛେ ।

ଯୋଜ୍ନା ଆଉ ପର୍ଯ୍ୟବେକ୍ଷଣ୍ କମିଟି ସଭାପତି ସୁବର୍ଣ୍ଣପୁର

ସୁବର୍ଣ୍ଣପୁର୍ ଜିଲ୍ଲା ଯୋଜନା ଆଉ ପର୍ଯ୍ୟବେକ୍ଷଣ୍ କମିଟି ଲାଗି ନୂଆଁକରି ବଛା ହେଇଥିବା ସଭାପତି ଆଉ ବୀର୍ମହାରାଜ୍ପୁର୍

ବିଧାୟକ୍ ରଘୁନାଥ୍ ଜଗ୍‌ଦଲାଙ୍କୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସ୍ୱାଗତ୍ ସମ୍ବର୍ଦ୍ଧନା ଦିଆଯାଇଛେ । ଜିଲ୍ଲାପାଲ୍ ନୃପରାଜ୍ ସାହୁ ଆଉ ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାଏକ୍ ତାଙ୍କୁ ସମ୍ବର୍ଦ୍ଧିତ୍ କରିଥିଲେ । ଜିଲ୍ଲା ଯୋଜ୍‌ନା ଆଉ ପର୍ଯ୍ୟବେକ୍ଷଣ୍ କମିଟି ସଭାପତି ଶ୍ରୀ ଜଗ୍‌ଦଲା ସୁବର୍ଣ୍ଣପୁର୍ ଜିଲ୍ଲା ଉତରୋତର୍ ଉନ୍ନତି ଲାଗି ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଥିଲେ ।

ଜିଏମ୍‌ୟୁ-ଦୌଡ଼କୁଦ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫ -୨୬ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୀର୍ ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ -ଭିସୁଟ୍‌ର କୁଳପତି ପ୍ରଫେସର୍ ଦୀପକ୍ କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କ୍ରୀଡ଼ା ଶାରୀରିକ୍ ଆଉ ମାନସିକ୍ ସ୍ତର୍‌ଥି ବିକାଶ୍ କର୍‌ସି ବଲି କହିଛନ୍ । ପ୍ରତିଯୋଗିତାଥି ରାଜ୍ୟର୍ ୧୪ ଟା

ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ୧୮ ଟା ବର୍ଗଥି ହଉଥିବା ପ୍ରତିଯୋଗିତା ଆଏବା ୯ ତାରିଖ୍ ଉଦ୍ଯାପିତ୍ ହେବା ।

ଓଏଭିର ପ୍ରବେଶିକା ପରୀକ୍ଷା ଫଳ  ଆର୍ଏନ୍ୟୁ/ ସମ୍ବଲପୁର

ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ - ଓଏଭିର ପ୍ରବେଶିକା ପରୀକ୍ଷା ଫଲ୍ ବାହାରିଛେ । ପରୀକ୍ଷାର୍ଥୀମାନେ ସେମାନ୍କର୍ ପରୀକ୍ଷାଫଲ୍ ବୋର୍ଡ୍ ୱେବ୍ସାଇଟ୍ନୁ ଡାଉନ୍ଲୋଡ୍ କରିପାର୍ବେ ବଲି  ସୂଚ୍ନା ଦିଆଯାଇଛେ । ଭୁବ୍ନେଶ୍ୱର୍ ନ ଥିବା ରାଜ୍ୟର୍ ଗୁଟେ ନ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୯ ଶ୍ରେଣୀଥି ନାଁଲେଖାବାର୍ ଲାଗି ଇ ପ୍ରବେଶିକା ପରୀକ୍ଷା କରାଯାଇଥିଲା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

କାଲ୍ବୈଶାଖୀର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, ବର୍ଗଡ୍, ଦେବ୍ଗଡ୍ ସହେତେ ରାଜ୍ୟର୍ ପାଖାପାଖି ୧୫ ଟା ଜିଲ୍ଲା ନ

ଧୁଳିଝଡ଼ ସହିତ ହାଲ୍କା ରୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୬ ରୁ ୭ ଦିନ୍‌ତକ୍ ତାପମାତ୍ରାଥି କେନ୍‌ସି ପରିବର୍ତ୍ତନ୍ ନାଇଁନ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।